
## ପାଠ - ୫

# ଆଗ ପଛ ଜାଣିବା



ଦିନେ ଜଙ୍ଗଲରେ ପଶୁପକ୍ଷୀମାନେ ସଭା କଲେ । ସେମାନଙ୍କ ମଧ୍ୟରେ ଭାଳେଣି ପଡ଼ିଲା । ମଣିଷମାନେ ଦିନକୁ ଦିନ ଜଙ୍ଗଲ କାଟି ସଫା କରି ଦେଉଛନ୍ତି । ଜଙ୍ଗଲ ସଫା ହୋଇଗଲେ ଆମେ ରହିବା କେଉଁଠି, ଖାଇବା କ'ଣ ? କୋକିଶିଆଳି ଉଠି କହିଲା, '' ଆମେ ଗଛ ଲଗାଇବା ଓ ଜଙ୍ଗଲ ରକ୍ଷା କରିବା ।'' ସମସ୍ତେ ଠିକ୍ କଲେ ନର୍ସରୀରୁ ଚାରା ଆଣିବେ । ବଗୁଲୀନାନୀ ନର୍ସରୀରେ ଚାରାଗଛ ବାଣ୍ଟୁଥାଏ । ସମସ୍ତେ ଆଗ ଚାରା ନେବା ପାଇଁ ଜିଦ୍ କରୁଥା'ନ୍ତି । ଏତେ ପଶୁପକ୍ଷୀଙ୍କୁ ଚାରା କିପରି ବାଣ୍ଟିବ ? ବଗୁଲୀନାନୀ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ସଂଖ୍ୟାକାର୍ଡ଼ ଦେଲା । ସେହି ସଂଖ୍ୟା ଅନୁଯାୟୀ ସେମାନଙ୍କୁ ଧାଡ଼ିବାନ୍ଧି ଆସିବାକୁ କହିଲା ।




(କ) ସମସ୍ତଙ୍କ ଆଗରେ ଯିଏ ଅଛି ତା'ର ସଂଖ୍ୟା କେତେ ?

(ଖ) ତା' ପରକୁ କେଉଁ ସଂଖ୍ୟା ଅଛି ?

(ଗ) ୧୧୦ର ପରବର୍ତ୍ତୀ ସଂଖ୍ୟା କେତେ ?

(ଘ) ୧୧୪ର ପୂର୍ବବର୍ତ୍ତୀ ସଂଖ୍ୟା କେତେ ?

(ଙ) ୧୧୦ ଓ ୧୧୪ ମଝିରେ କେଉଁ କେଉଁ ସଂଖ୍ୟା ଅଛି ?

**ଶିକ୍ଷକଙ୍କ ପାଇଁ ସୂଚନା :**

ଶିକ୍ଷକ ତିନିଅଙ୍କ ବିଶିଷ୍ଟ ସଂଖ୍ୟା ପାଇଁ ସଂଖ୍ୟାକାର୍ଡ଼ ପ୍ରସ୍ତୁତ କରିବେ ।

ସେଗୁଡ଼ିକୁ ବ୍ୟବହାର କରି ପୂର୍ବବର୍ତ୍ତୀ, ମଧ୍ୟବର୍ତ୍ତୀ ଓ ପରବର୍ତ୍ତୀ ସଂଖ୍ୟା ସଂପର୍କରେ ଧାରଣା ଦେବେ ।

## ଅଭ୍ୟାସ

୧. ମଝି କୋଠରୀରେ ଥିବା ସଂଖ୍ୟା ଗୁଡ଼ିକର ଠିକ୍ ସଂଖ୍ୟା ଓ ଠିକ୍ ପରବର୍ତ୍ତୀ ସଂଖ୍ୟା ଲେଖ ।

| ଠିକ୍ ପୂର୍ବବର୍ତ୍ତୀ ସଂଖ୍ୟା | ସଂଖ୍ୟା | ଠିକ୍ ପରବର୍ତ୍ତୀ ସଂଖ୍ୟା |
|---|---|---|
| ୧୧୦ | ୧୧୧ | ୧୧୨ |
| ୧୦୦ | ୧୦୧ | |
| | ୨୩୯ | |
| | ୩୩୦ | |
| | ୪୦୦ | |
| | ୫୯୯ | |
| | ୬୬୯ | |

୨. ଖାଲି ଥିବା ସ୍ଥାନ ପୂରଣ କର ।

(କ) ୧୦୧, ୧୦୨, ______, ______, ______ ।

(ଖ) ୨୦୯, ______, ୨୧୧______, ______ ।

(ଗ) ______, ୩୪୦ ______, ______, ୩୪୩

(ଘ) ______, ______, ______, ______, ୫୦୫

୩. ତଳଲିଖିତ ସଂଖ୍ୟା ଦୁଇଟିର ମଧ୍ୟବର୍ତ୍ତୀ ସଂଖ୍ୟାଗୁଡ଼ିକୁ ଲେଖ ।

(କ) ୬୦୮, ______, ______, ______, ୬୧୨

(ଖ) ୮୮୮, ______, ______, ______, ୮୯୨

(ଗ) ୨୯୭, ______, ______, ______, ୩୦୧

(ଘ) ୧୦୧, ______, ______, ______, ୧୦୫

୪. ତଳଲିଖିତ ସଂଖ୍ୟାଗୁଡ଼ିକୁ ଊର୍ଦ୍ଧ୍ୱକ୍ରମ (ସାନରୁ ବଡ଼) ଓ ଅଧଃକ୍ରମ (ବଡ଼ରୁ ସାନ)ରେ ସଜାଅ ।

| ଊର୍ଦ୍ଧ୍ୱକ୍ରମରେ | ଅଧଃକ୍ରମରେ |
|---|---|
| (କ) ୩୦୫, ୩୦୧, ୩୦୩, ୩୦୨, ୩୦୪ | (କ) ୪୬୮, ୪୬୫, ୪୬୪, ୪୬୭, ୪୬୬ |
| (ଖ) ୬୯୯, ୭୦୧, ୭୦୩, ୭୦୨, ୭୦୦ | (ଖ) ୫୯୧, ୫୯୩, ୫୯୫, ୫୯୨, ୫୯୪ |
| (ଗ) ୨୯୪, ୨୯୨, ୨୯୩, ୨୯୧, ୨୯୫ | (ଗ) ୭୦୭, ୭୦୯, ୭୧୦, ୭୦୮, ୭୧୧ |


୫. ରାଜୁ, ରୀତା, ମିତା ଓ ଜୋଶେଫ ତାସ ନେଇ ସଜାଇବା କାମ କରୁଥିଲେ । ତିନୋଟି ଲାଗିଲାଗିଥିବା ସଂଖ୍ୟାକୁ ନେଇ ଗୋଟିଏ ଲେଖାଏଁ ସେଟ୍ ତିଆରି କରୁଥିଲେ । ପ୍ରତ୍ୟେକଙ୍କ ପାଖରେ ୬ପଟ ଲେଖାଏଁ ତାସ ରହୁଥିଲା । ୬ପଟ ତାସକୁ ନେଇ ଦୁଇଟି ଲେଖାଏଁ ସେଟ୍ କରିବେ । ପ୍ରତ୍ୟେକ ପିଲାର ଦୁଇଟି ଯାକ ସେଟ୍‌ର ମଧ୍ୟବର୍ତ୍ତୀ ସଂଖ୍ୟାଟି ଅନ୍ୟ ପାଖରେ ରହିଯାଇଛି । ଚିତ୍ର ଦେଖି କିଏ କେଉଁ କେଉଁ ତାସ ପାଇବେ ଓ କେଉଁ ତାସ କାହାକୁ ଦେବେ ଲେଖ ।




୨୧୧ ୨୦୭
୨୭୪ ୨୭୨
୨୧୩ ୨୬୯




୨୦୬ ୨୮୫
୨୭୩ ୨୫୧
୨୦୮ ୨୫୩



୨୧୯ ୨୯୧
୨୮୪ ୨୨୧
୨୫୨ ୨୮୬




୨୯୦ ୨୬୮
୨୧୨ ୨୯୨
୨୭୦ ୨୨୦




ଏବେ ତଳ ସାରଣୀର ଖାଲି ଘର ପୂରଣ କର -

| ପିଲାଙ୍କ ନାମ | କେଉଁ କେଉଁ ସଂଖ୍ୟା ପାଇଛି | କାହାକୁ କେଉଁ ସଂଖ୍ୟା ଦେବ | କାହା ପାଖରୁ କେଉଁ ସଂଖ୍ୟା ଆଣିବ |
|---|---|---|---|
| ଜୋଶେଫ | ୨୦୬, ୨୭୩, ୨୦୮ ୨୮୫, ୨୫୧, ୨୫୩ | | |
| ରୀତା | | | |
| ମିତା | | | |
| ରାଜୁ | | | |